# ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷାର ଟପ୍‌ପର ଛାତ୍ରଛାତ୍ରୀ


ଋତୁପର୍ଣ୍ଣା ମହାନ୍ତ


ଅଙ୍କିତା ସାହୁ


ଅନ୍ୱେଷା ନାୟକ


ଭାଗ୍ୟଶ୍ରୀ ଦାସ


ଜଗତ୍ ଜୀବନ ଦେ


ସୁଶ୍ରୀ ସଂଗୀତା ଦାଶ


ନମ୍ରତା ଦତ୍ତ


ଜୁଲି ପ୍ରିନ୍‌ସି ଗିରି


ସୁଧାରାଣୀ ଭୂୟାଁ


ଲୋହିତ କୁମାର ଦାଶ


ଚିନ୍ମୟ କୁମାର


ରଶ୍ମିପ୍ରଭା ମହାନ୍ତି


ଦୀପକ ବେହେରା


ମଧୁମିତା ରାଉଳ


ଅଭିସିକ୍ତା ଗିରି


ସାଦେ ମୁର୍ମୁ

ବାରିପଦା, ୨୬।୫ (ନି.ପ୍ର.)- ସ୍ଥାନୀୟ ତକତପୁରସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ଶେଷବର୍ଷ ବିଜ୍ଞାନ, କଳା ଓ ବାଣିଜ୍ୟର ଉଭୟ ରେଗୁଲାର ଓ ବ୍ୟାକ ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ନିୟମିତ ୭୪୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୯୬ ଜଣ କୃତକାର୍ଯ୍ୟ ହୋଇଥିବା ସହିତ ପାସ୍‌ହାର ୯୪ ପ୍ରତିଶତ ରହିଛି । ବ୍ୟାକ ପରୀକ୍ଷାରେ ପାସହାର ୭୦ ପ୍ରତିଶତ ହୋଇଛି ।

ବିଜ୍ଞାନରେ ୨୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୯ ଜଣ ଅର୍ଥାତ୍ ୯୬.୬ ପ୍ରତିଶତ , କଳାରେ ୩୧୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୯ ଜଣ ଅର୍ଥାତ୍ ୮୯.୪ ପ୍ରତିଶତ ଏବଂ ବାଣିଜ୍ୟରେ ୨୨୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୮ ଜଣ ଅର୍ଥାତ୍ ୯୬.୪ ପ୍ରତିଶତ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ମୋଟ ୧୬ଟି ବିଷୟରେ ଟପ୍‌ପର ହୋଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୦ ଜଣ ଛାତ୍ରୀ ଓ ୬ ଜଣ ଛାତ୍ର ରହିଛନ୍ତି । ବିଜ୍ଞାନ ବିଭାଗରେ ୭ଟି ଓ କଳା ବିଭାଗରେ ୯ଟି ଏହିଭଳି ଉଭୟ ବିଭାଗର ମୋଟ ୧୬ଟି ବିଷୟର ଟପ୍‌ପର ପରୀକ୍ଷାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିବା ବେଳେ ବାଣିଜ୍ୟ ବିଭାଗର ଟପ୍‌ପର ପରୀକ୍ଷାର୍ଥୀଙ୍କ ନାମ ପ୍ରକାଶ କରାଯାଇ ନାହିଁ । କଳା ବିଭାଗରେ ଥିବା ମୋଟ ୧୨ଟି ବିଷୟର ଅନର୍ସ ମଧ୍ୟରୁ କେବଳ ୯ଟି ବିଷୟ ଅନର୍ସର ଟପ୍‌ପରଙ୍କ ନାମ ପ୍ରକାଶ ପାଇଛି । କିନ୍ତୁ ପ୍ରକାଶ ପାଇ ନଥିବା ୩ଟି ବିଷୟ ମଧ୍ୟରୁ ଇଂରାଜୀ ଓ ଶିକ୍ଷା ବିଷୟରେ କେହି ପ୍ରଥମ ଶ୍ରେଣୀରେ ପାସ କରି ନ ଥିବା ବେଳେ ପରିସଂଖ୍ୟାନ ତତ୍ତ୍ୱ ବିଷୟରେ କେହି ଛାତ୍ରଛାତ୍ରୀ ନାହାନ୍ତି ।

କଳା ଓ ବିଜ୍ଞାନ ଉଭୟ ବିଭାଗର ବିଜ୍ଞାନ ବିଭାଗର ଭୂତତ୍ତ୍ୱ ବିଷୟର ଛାତ୍ରୀ ଋତୁପର୍ଣ୍ଣା ମହାନ୍ତ ସର୍ବୋଚ୍ଚ ୭୫୭ ନମ୍ବର(୯୪.୬ଶତାଂଶ) ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଛନ୍ତି । କେବଳ କଳା ବିଭାଗରେ ଭୂଗୋଳ ବିଷୟର ଛାତ୍ରୀ ଜୁଲି ପ୍ରିନ୍‌ସି ଗିରି ସର୍ବୋଚ୍ଚ ୭୩୦ ନମ୍ବର (୯୧.୨ଶତାଂଶ) ରଖି କଳା ବିଭାଗର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି ।

ଆଗାମୀ ୨୮ ତାରିଖଠାରୁ ପ୍ରତ୍ୟହ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ମହାବିଦ୍ୟାଳୟର କାଉଣ୍ଟରୁ ମାର୍କସିଟ୍ ଓ ପ୍ରୋଭିଜନାଲ ସାର୍ଟିଫିକେଟମାନ ଉପଲବ୍ଧ ହେବ ବୋଲି ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରାଧ୍ୟାପକ ଦିବ୍ୟଶଙ୍କର ପାଲଙ୍କଠାରୁ ପ୍ରକାଶ ।

## ୧୬ଟି ସ୍ନାତକ ବିଷୟର ଟପ୍‌ପର ତାଲିକା

### ବିଜ୍ଞାନ ବିଭାଗ

| ବିଷୟ | ପରୀକ୍ଷାର୍ଥୀଙ୍କ ନାମ | ନମ୍ବର | ପ୍ରତିଶତ |
|---|---|---|---|
| ୧. ଭୂତତ୍ତ୍ୱ | ଋତୁପର୍ଣ୍ଣା ମହାନ୍ତ | ୭୫୭ | ୯୪.୬% |
| ୨. ପଦାର୍ଥବିଜ୍ଞାନ | ଅଙ୍କିତା ସାହୁ | ୭୩୮ | ୯୨.୨% |
| ୩. ଗଣିତ | ଅନ୍ୱେଷା ନାୟକ | ୭୨୭ | ୯୦.୮% |
| ୪. ରସାୟନଶାସ୍ତ୍ର | ଭାଗ୍ୟଶ୍ରୀ ଦାସ | ୭୦୯ | ୮୮.୬% |
| ୫. କମ୍ପ୍ୟୁଟର | ଜଗତ୍ ଜୀବନ ଦେ | ୭୦୫ | ୮୮.୧% |
| ୬. ଉଦ୍ଭିଦବିଜ୍ଞାନ | ସୁଶ୍ରୀ ସଂଗୀତା ଦାଶ | ୬୯୯ | ୮୭.୩% |
| ୭. ପ୍ରାଣୀବିଜ୍ଞାନ | ନମ୍ରତା ଦତ୍ତ | ୬୮୫ | ୮୫.୬% |

### କଳା ବିଭାଗ

| ବିଷୟ | ପରୀକ୍ଷାର୍ଥୀଙ୍କ ନାମ | ନମ୍ବର | ପ୍ରତିଶତ |
|---|---|---|---|
| ୮. ଭୂଗୋଳ | ଜୁଲି ପ୍ରିନ୍‌ସି ଗିରି | ୭୩୦ | ୯୧.୨% |
| ୯. ସଂସ୍କୃତ | ସୁଧାରାଣୀ ଭୂୟାଁ | ୬୫୫ | ୮୧.୮% |
| ୧୦. ସମାଜବିଜ୍ଞାନ | ଲୋହିତ କୁମାର ଦାଶ | ୬୧୫ | ୭୬.୮% |
| ୧୧. ହିନ୍ଦୀ | ଚିନ୍ମୟ କୁମାର ପ୍ରଧାନ | ୬୧୪ | ୭୬.୭% |
| ୧୨. ଦର୍ଶନଶାସ୍ତ୍ର | ରଶ୍ମିପ୍ରଭା ମହାନ୍ତି | ୫୮୫ | ୭୩.୧% |
| ୧୩. ଅର୍ଥନୀତି | ଦୀପକ ବେହେରା | ୫୮୦ | ୭୨.୫% |
| ୧୪. ଓଡିଆ | ମଧୁମିତା ରାଉଳ | ୫୭୫ | ୭୧.୮% |
| ୧୫. ରାଜନୀତି ବିଜ୍ଞାନ | ଅଭିସିକ୍ତା ଗିରି | ୫୪୩ | ୬୭.୮% |
| ୧୬. ଇତିହାସ | ସାଦେ ମୁର୍ମୁ | ୪୯୪ | ୬୧.୭% |